# Akashvani, Sambalpur

## SAMBALPURI NEWS BULLETIN

### 5 April 2024- 6.47- 6.52 am.

*********************************************

ସିଏଆର-ଟି ସେଲ ଥେରାପି/ରାଷ୍ଟ୍ରପତି ପିଆଇବି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲା କାଏଲ୍ ଆଇଆଇଟି ମୁମ୍ବାଇ ଠାନେ ଭାରତର ପହେଲା ସ୍ୱଦେଶୀ- ମେକ୍ ଇନ୍ ଇଣ୍ଡିଆ ସିଏଆର୍-ଟି ସେଲ୍ ଥେରାପି ସେବାର ଲୋକାର୍ପଣ୍ କରିଛନ୍ । ଇ ଅବ୍ସରେ ରାଷ୍ଟ୍ରପତି କହିଛନ୍ ଯେ, କେନ୍ସର୍ ରୋଗର୍ ବିରୁଧେ ଦେଶର୍ ଲଢ଼େଇର୍ ଇଟା ଗୁଟେ ବଢ଼େ ସଫଲତା ଆଏ । ସିଏଆର୍-ଟି ସେଲ୍ ଥେରାପି କେନ୍ସର୍ ଚିକିତ୍ସା ଲୁକ୍କୁ ସହଜ୍ ଆର୍ ଶସ୍ତା ମିଳିପାର୍ବା ଆଉ ଇଟା ମାନବ ଜାତି ଲାଗି ଗୁଟେ ନୂଆଁ ଆଶା ପ୍ରଦାନ୍ କର୍ବା ବଲି ରାଷ୍ଟ୍ରପତି କହିଛନ୍ । ଇତାର୍ସହେତେ କେତ୍ନିକେତେ ଲୁକ୍କୁ ନୂଆଁ ଜୀବନ୍ ଦେବାର୍ଥି ସାହାଜ୍ କର୍ବା । ଇ ନୂଆଁ ସେବା ମେକ୍ ଇନ୍ ଇଣ୍ଡିଆ ଅଭିଯାନ୍ ସହେତେ ଆତ୍ମନିର୍ଭର୍ ଭାରତ୍ର ଗୁଟେ ଉଦାହରଣ୍ ଆଏ ବଲି ରାଷ୍ଟ୍ରପତି କହିଛନ୍ ।

ଭାରତ୍‌ର ନିର୍ବାଚନ୍ ଆୟୋଗ୍        ପି.ଆଇ.ବି.

ଭାରତ୍‌ର ନିର୍ବାଚନ୍ ଆୟୋଗ୍ ଆଏଜ୍ ନୂଆଦିଲ୍ଲୀର୍ ନିର୍ବାଚନ୍ ସଦନ୍ ନ କମ୍ ମତଦାନ୍ ହାର ରହିଥିବା ୧୧ ଟା ରାଜ୍ୟର୍ କେତେଟା ସହରାଂଚଲ୍ ମହାନଗର୍ ନିଗମ୍ ଆୟୁକ୍ତ ଆଉ କେତେଟା ଜିଲ୍ଲା ନିର୍ବାଚନ୍ ଅଧିକାରୀମାନ୍‌କର୍ ସାଙ୍ଗେ ଗୁଟେ ବୈଠକ୍ କର୍‌ବେ । ମତଦାନ୍ ହାର ବଢ଼ାବାର୍ ବାବ୍‌ଦେ ପହେଲାଥର୍ ଲାଗି ନିର୍ବାଚନ୍ ଆୟୋଗ ତର୍‌ଫୁ ଏନ୍ତା ଚେରେଷ୍ଟା କରାଯାଉଛେ । ଚଲ୍‌ତି ଲୋକ୍‌ସଭା - ୨୦୨୪ ନିର୍ବାଚନ୍‌ଥି ମତଦାନ୍ ହାର କେନ୍ତାକରି ବଢ଼ାଯାଇପାର୍‌ବା ସେ ବାବ୍‌ଦେ ବିଚାର୍ କରାଯିବା । ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ରାଜୀବ୍ କୁମାର୍‌ଙ୍କର୍ ଅଧକ୍ଷତାଥି ହେବାର୍‌କେ ଥିବାର୍ ଇ ବୈଠକ୍‌ଥି ନିର୍ବାଚନ ଆୟୁକ୍ତ ଜ୍ଞାନେଶ୍ କୁମାର୍ ଆର୍ ସୁଖ୍‌ବୀର୍ ସିଂ ସାନ୍ଧୁ ଭିଲ୍ ଯୋଗ୍ ଦେବେ ।

ଘରୁ ଭୋଟ୍ କାର୍ଯ୍ୟକ୍ରମ୍        ଏନ୍‌ଏସ୍‌ଡି

ଦେଶର୍ ଅନ୍‌ମାନିକ୍ ୮୨ ଲାଖ୍ ବରିଷ୍ଠ ନାଗରିକ ଆର୍ ୮୮ ଲାଖ୍ ନୁ ଅଏତ୍‌କା ଦିବ୍ୟାଙ୍ଗ ଘରୁ ଭୋଟ୍ ଦେବାର୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେବେ ବଲି ନିର୍ବାଚନ୍ କମିଶନ୍ କହିଛନ୍ । ଘରୁ ଭୋଟ୍ କାର୍ଯ୍ୟକ୍ରମ୍‌ଥି ଦେଶର୍ ୮୫ ବଛର୍‌ନୁ ଅଏତ୍‌କା ବୟସର୍ ଭୋଟର୍ ଆର୍ ୪୦ ପ୍ରତିଶତ୍‌ନୁ ଅଏତ୍‌କା ଅକ୍ଷମ ଥିବା ଭୋଟର୍‌ମାନ୍‌କର୍ ଲାଗି କମିଶନ୍ ତର୍‌ଫୁ ଭୋଟ୍ ଦେବାର୍ ବ୍ୟବସ୍ଥା କରାଯାଇଛେ । ଇଥିର୍‌ଲାଗି ୨ ଝନ୍ ନିର୍ବାଚନ୍ ଅଧିକାରୀ, ଭିଡ଼ିଓଗ୍ରାଫର୍ ଆର୍ ସୁରକ୍ଷାକର୍ମୀଙ୍କୁ ନେଇକରି ଗଠିତ୍ ଗୁଟେ ଦଲ୍ ଯୋଗ୍ୟ ଭୋଟର୍‌ମାନ୍‌କର୍ ଘର୍‌କେ ଯାଇକରି ଭୋଟ୍ ଦେବାର୍ ଲାଗି ସାହାଜ୍ କର୍‌ବେ । ଇତାର୍‌ସହେତେ ନିର୍ବାଚନ୍ ଆୟୋଗ୍‌ର ସକ୍ଷମ୍ ଆପ୍ - ନିର୍ବାଚନ୍ ପ୍ରକ୍ରିୟାଥି ଭିନ୍ନକ୍ଷମ ଭୋଟର୍‌ମାନ୍‌କୁ ସଶକ୍ତ କର୍‌ବାର୍ ଦିଗେ ସାହାଜ୍ କର୍‌ବା ।

ପାନୀୟ ଜଳ ସମସ୍ୟା- ଦେୟମୁକ୍ତ ନମ୍ବର୍

ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଖରାର୍ ତାତି ବଢୁଥିବାର୍‌ନୁ ପିଇବାର୍ ପାଏନ୍ ସମସ୍ୟାର୍ ତୁର୍‌ତି ସମାଧାନ୍ ଦିଗେ ପଂଚାୟତିରାଜ୍ ଆର୍ ପାନୀୟ ଜଳ ବିଭାଗ୍ ତର୍‌ଫୁ ଦେୟମୁକ୍ତ ନମ୍ବର୍ ୧୯୧୬ ଜାରି

କରାଯାଇଛେ । ସଖାଲର୍ ୬ ବଜେନୁ ବେଲ୍‌ବୁଡ଼ାର୍ ୬ ବଜେତକ୍ ଲୋକ୍‌ମାନେ ପିଇବାର ପାଏନ୍ ସମସ୍ୟା ବାବ୍‌ଦେ ଫୋନ୍ କରିକରି ନିଜର୍ ଅଭିଯୋଗ୍ ଦାଖଲ୍ କରିପାର୍‌ବେ । ଇତାର୍‌ସହେତେ ସାମାଜିକ ଗଣମାଧ୍ୟମ୍ ଟ୍ୱିଟର୍ ଜରିଏ ଭିଲ୍ ଇ ବାବ୍‌ଦେ ଅଭିଯୋଗ୍ କରିପାର୍‌ବେ ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସ୍କୁଲ୍- ପାଏନ୍ ପିଆ ଘଂଟି ଆର୍‌ଏନ୍‌ୟୁ/ସମ୍ବଲପୁର

ଖରାର୍ ତାତିକେ ନଜର୍‌ଥି ରଖିକରି ସ୍କୁଲ୍‌ମାନ୍‌କେ ଛାତ୍ରଛାତ୍ରୀମାନ୍‌କୁ ଝାଉମରାନୁ ରକ୍ଷା କର୍‌ବାର୍ ଲାଗି ପାଠ୍‌ପଢ଼ା ସମିଆଥି ୩ ଥର୍ ପାଏନ୍ ଯୁଗେଇ ଦେବାର୍‌କେ ବ୍ଲକ୍ ଶିକ୍ଷା ଅଧିକାରୀ ଆଉ ସ୍କୁଲ୍‌ର ପ୍ରଧାନ୍ ଶିକ୍ଷକ୍‌ମାନ୍‌କୁ- ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇଥିର୍‌ଲାଗି ସ୍କୁଲ୍ ମାନ୍‌କେ ସଖାଲର୍ ସାଢ଼େ ୮ ବଜେ, ୧୦ ବଜେ ଆର୍ ୧୧ ବଜେ ୩ ଥର୍ ପାଏନ୍ ପିଆ ଘଂଟି ବାଜ୍‌ବା । ଘଂଟି ବାଜ୍‌ଲା ଉତ୍‌ରୁ ଛୁଆମାନେ ପାଏନ୍ ପିଇବେ ।

ଜବର୍ ଖରାକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ଆର୍ ବଲାଙ୍ଗିର୍ ଜିଲ୍ଲା ନ ସ୍କୁଲ୍ ସମିଆକେ ବଦ୍‌ଲାଯାଇଛେ । ଜିଲ୍ଲାର୍ ସବୁ

ସର୍କାରୀ ଆଉ ବେସର୍କାରୀ ସ୍କୁଲ୍ ସାଢ଼େ ୬ ନୁ ସାଢ଼େ ୧୦ ତକ୍ ଖୁଲାରହେବା ।

ସମ୍ବଲ୍ପୁର୍ ରେଲ୍ମଣ୍ଡଲ୍ - ରେକର୍ଡ଼୍ ଆୟ

ସମ୍ବଲପୁର ସମ୍ବାଦଦାତା

୨୦୨୩-୨୪ ଆର୍ଥିକ୍ ବଛ୍ରେ ପୂର୍ବତଟ ରେଲ୍ପଥ୍ ଅଧୀନ୍ଥି ଥିବା ସମ୍ବଲ୍ପୁର୍ ରେଲ୍ମଣ୍ଡଲ୍ ୨ ହଜାର୍ ୪ ଶହ ୮୧ କୋଟି ୭୨ ଲାଖ୍ ଟଙ୍କା ଆୟ କରିଛେ । ଯେନ୍ଟା ୨୦୨୨-୨୩ ଆର୍ଥିକ୍ ବଛରନୁ ୧୯ ଦଶ୍ମିକ୍ ୫/୫ ପ୍ରତିଶତ୍ ଅଏତ୍କା ଆଏ ବଲି ରେଲ୍ମଣ୍ଡଲ୍ ତର୍ଫୁ ସୂଚ୍ନା ଦିଆଯାଇଛେ । ସେନ୍ତା ଇ ସମିଆଥି ୧୯ ଦଶ୍ମିକ୍ ୭/୮ ମେଟ୍ରିକ୍ ଟନ୍ ମାଲ୍ ପରିବହନ୍ କରିଛେ । ଯେନ୍ଟା ୨୦୨୨-୨୩ ବଛ୍ରେ ୧୬ ଦଶ୍ମିକ୍ ୫/୪ ମେଟ୍ରିକ ଟନ୍ ଥିଲା ବଲି ରେଲ୍ମଣ୍ଡଲ୍ ମହାପ୍ରବନ୍ଧକ ତୁଷରକାନ୍ତ ପାଣ୍ଡେ ସୂଚ୍ନା ଦେଇଛନ୍ ।

ଭୋଟର୍ ସଚେତନ୍ତା-ନୂଆପନା          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନ ଗଲାକାଏଲ୍ ନୂଆଁ ଭୋଟର୍ ସଚେତନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ନୂଆଁ ଭୋଟର୍‌ମାନ୍‌କୁ ଇଭିଏମ୍ ଆର୍ ଭିଭିପାଟ୍‌ର ବେଭାର୍ ବାବ୍‌ଦେ ସଚେତନ୍ କରାଯାଇଥିଲା ।

ଯକ୍ଷ୍ମା- ଟୀକାକରଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଯକ୍ଷ୍ମା ରୋଗ୍‌କେ ଆଏତ୍ କର୍‌ବାର୍ ଲାଗି ରାଏଜେ ୧୮ ନୁ ଅଏତ୍‌କା ବୟସର୍ ଲୁକ୍‌କୁ ପରୀକ୍ଷଣ୍ ଭାବେ ବିସିଜି ଟୀକା ଦିଆଯିବା । ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍, ବୌଦ୍ଧ, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର ୧୫ ଟା ଜିଲ୍ଲା ନ ପହେଲାକରି ବିସିଜି ଟୀକା ଦିଆଯିବା । ଟୀକାକରଣ୍ କାର୍ଯ୍ୟକ୍ରମ୍ ପରିଚାଲନା ଆଉ ବ୍ୟବସ୍ଥା ବାବ୍‌ଦେ ଜିଲ୍ଲାର୍ ବିଶେଷଜ୍ଞମାନ୍‌କୁ ତାଲିମ୍ ଦିଆଯାଉଛେ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜମି ଅଧିକାର୍ ପ୍ରମାଣ୍‌ପତ୍ର-ସମ୍ବଲପୁର ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଇଲାକା ନ ରହୁଥିବା ଲୁକ୍‌କୁ ଜମି ଅଧିକାର୍ ପ୍ରମାଣ୍‌ପତ୍ର- ଏଲ୍‌ଆର୍‌ସି ବାଂଟ୍‌ବାର୍ ୨ ନମ୍ବର୍ ଖେପ୍ ଆଏଜ୍‌ଠାନୁ ମୁଲ୍ ହେବା । ଇଟା ୨୦ ତାରିଖ୍‌ତକ୍ ଚାଲ୍‌ବା ବଲି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଚିହ୍ନଟ୍ ହେଇଥିବା ହିତାଧିକାରୀମାନ୍‌କୁ ଜମି ଅଧିକାର୍ ପ୍ରମାଣ୍‌ପତ୍ର ବଂଟାଯିବା । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଫେବୃଆରୀ ମାସ ୨୯ ତାରିଖ୍‌ନୁ ମାର୍ଚ୍ଚ ୩୧ ତାରିଖ୍‌ତକ୍ ପହେଲାଖେପେ ୭ ହଜାର୍ ୭ ଶହ ୪୭ ଝନ୍ ହିତାଧିକାରୀଙ୍କୁ ଜମି ଅଧିକାର୍ ପ୍ରମାଣ୍‌ପତ୍ର ବଂଟାଯାଇସାରିଛେ । ୨ ନମ୍ବର୍ ଖେପେ ୨ ହଜାର୍ ୨ ଶହ ୫୮ ଝନ୍‌କୁ ଏଲ୍‌ଆର୍‌ସି ଦିଆଯିବା ବଲି ସୂଚ୍‌ନା ମିଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ରାଜ୍ୟର୍ ୧୧ ଟା ସହରର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍‌ରେ ରହିଥିଲା । ଆଏବା କାଏଲ୍‌ତକ୍ ପାଗ୍ ନାଇଁ ବଦ୍‌ଲେ ଆଉ ତାତି ୨ ନୁ ୩ ଡିଗ୍ରୀ ବଢ଼୍‌ବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍

ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ବଲାଙ୍ଗିର୍ ଆଉ ବୌଦ୍ଧ ସହେତେ ୬ ଟା ଜିଲ୍ଲାକେ  ଖରା ତାତି ଲାଗି ପାଣିପାଗ୍ କେନ୍ଦ୍ର ତର୍ଫୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ ।